ଚତୁର୍ଥ ସାଧାରଣ ଅଧିବେଶନ

ପଞ୍ଚାୟତ ସମିତି କାର୍ଯ୍ୟ।ଳୟ, କିଶୋରନଗର

ସ୍ଥାନ : ପଞ୍ଚାୟତ ସମିତି ସଭାଗୃହ

ତାରିଖ: ୦୬.୧୧.୨୦୨୪

କିଶୋରନଗର ପଞ୍ଚାୟତସମିତିର ଚତୁର୍ଥ ସାଧାରଣ ଅଧିବେଶନ, ସମିତି ଅଧ୍ୟକ୍ଷା ଶ୍ରୀମତୀ ଶ୍ୱେତରେନ୍ଦ୍ରୀ ପଧାନଙ୍କ ସଭାପତିତ୍ୱରେ ତା:୦୬/୧୧/୨୦୨୪ରିଖ ଦିନ ପୂର୍ବାହ୍ନ ୧୦.୦୦ଘଟିକା ସମୟରେ ପଞ୍ଚାୟତସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ନବ ନିର୍ବାଚିତ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ନଳିନୀକାନ୍ତ ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସାଂସଦ ସମ୍ବଲପୁର ନିର୍ବାଚନ ମଣ୍ଡଳୀ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ସରୋଜ କୁମାର ସାହୁ,ଶ୍ରୀମତୀ ବବିତା ପ୍ରଧାନ, ଜିଲ୍ଲାପରିଷଦ ସଭାପତି, ଅନୁଗୋଳ, ଶ୍ରୀଯୁକ୍ତ ଲବ କୁମାର ପ୍ରଧାନ ଉପାଧକ୍ଷ, ପଞ୍ଚାୟତସମିତି କିଶୋରନଗର, ଜିଲ୍ଲା ପରିଷଦ ସଭ୍ୟା ଜୋନ୍ – ୧୨ ଓ ୧୩, ସମିତି ସଭ୍ୟ/ ସଭ୍ୟା ଓ ସ୍ୱାକ୍ଷରିତ ସରପଞ୍ଚ ବୃନ୍ଦ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଶ୍ରୀଯୁକ୍ତ ବିନୋଦ ବିହାରୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ସଭା କାର୍ଯ୍ୟ ପରିଚାଳନା ନିମନ୍ତେ ଅଧ୍ୟକ୍ଷା ମହୋଦୟା ଙ୍କୁ ଅନୁରୋଧ କରିଥିଲେ । ପଞ୍ଚାୟତ ସମିତିର ଅଧ୍ୟକ୍ଷା ଉପସ୍ଥିତ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗ ରୁ ଆସିଥିବା ସମସ୍ତ କର୍ମକର୍ତା ଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟସୂଚୀ ଅନୁସାରେ ଶାନ୍ତି ଶୃଙ୍ଖଳା ର ସହିତ ସମସ୍ତ ବିଷୟ ରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ।ଏହା ପରେ ମାନ୍ୟବର ବିଧାୟକ ମହୋଦୟ ନିର୍ବାଚିତ ସମସ୍ତ ଜନ ପ୍ରତିନିଧି ଓ ସରକାରୀ କର୍ମକର୍ତ୍ତା ଙ୍କୁ ଅଭିନନ୍ଦନ ଜଣାଇ ରାଜନୀତି ପଦପଦବୀ ର ଉର୍ଦ୍ଧ ରେ ରହି ସମସ୍ତ କାର୍ଯ୍ୟ ମିଳିମିଶି କରିବାକୁ ପରାମର୍ଶ ଦେଇଥିଲେ । ପରେ ପରେ ସାଂସଦ ଙ୍କ ମନୋନୀତ ପ୍ରତିନିଧି ନିର୍ବାଚିତ ସମସ୍ତ ସଭ୍ୟ ସଭ୍ୟା ଏବଂ ଅଧିକାରୀ ଙ୍କୁ / ଉଦବୋଧନ ଦେଇ ସ୍ଥାନୀୟ ଅଞ୍ଚଳ ର ସାମୁହିକ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁଅନୁରୋଧ କରିଥିଲେ ।

<u>ପୂର୍ବ ବୈଠକର ବିବରଣୀ ପଠନ :</u>

ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ବ ବୈଠକର ବିବରଣୀ ପାଠ କରିବା ପାଇଁ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ । ଏହା ସଠିକ ଭାବେ ଲିପିବଦ୍ଧ ହୋଇ ଥିବା ଯୋଗୁଁ ସର୍ବସମ୍ମତି କ୍ରମେ ଦୃଢୀ କରଣ କରାଗଲା । ଦୀର୍ଘ ଦିନ ଅନ୍ତରରେ ସଭା ହେଉଥିବାରୁ ସଭ୍ୟ ସଭ୍ୟା ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅଧ୍ୟକ୍ଷା ମହୋଦୟା ଏଥିରେ କହିଥିଲେ ଯେ ଏଣୁ ଏଣିକି ନିର୍ଦ୍ଧାରିତ ସମୟରେ ବୈଠକ ହେବ ବୋଲି ସଭାରେ ଜଣାଇଥିଲେ । ଏହାପରେ କାର୍ଯ୍ୟସୂଚୀ ମତେ ନିମ୍ନ ବିଷୟ ଗୁଡିକ ଉପରେ ଆଲୋଚନା କରାଗଲା ।